DHARITRI

27th Feb, 2021

...ା ନବମ ସର୍ବଭାରତୀୟ
...ୟୀ ହେବା ସହ
...ବେ କଟଣୀ ଥାନାଧିକାରୀ
...ତ କରିଥିଲେ।



# ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର

କଟଣୀ,୨୬।୨(ଡି.ଏନ୍.ଏ.)

କଟଣୀ ଅରଗୁଲସ୍ଥିତ ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର ମିଳିଛି। ଦେଶରେ ୧୧ରୁ ୩୦ବର୍ଷ ମଧ୍ୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷାନୁଷ୍ଠାନଙ୍କୁ ସେମାନଙ୍କର ବିଶେଷ ଶିକ୍ଷାଦାନ ପଦ୍ଧତି ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ଏଫ୍ଆଇସିସି ଦ୍ୱାରା ଆୟୋଜିତ ଉଚ୍ଚଶିକ୍ଷାରେ ଉତ୍କୃଷ୍ଟତା ପୁରସ୍କାର-୨୦୨୧ ଅନ୍‌ଲାଇନ୍ ମୋଡ୍‌ରେ ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ମୁତାବକ, ମୋଟ ୧୧ଟି କାଟାଗୋରୀ ମଧ୍ୟରୁ ୭ମ କାଟାଗୋରିରେ ଆଇଆଇଟି, ଭୁବନେଶ୍ୱର ୧୬ତମ ଏଫ୍ଆଇସିସି ଉଚ୍ଚଶିକ୍ଷା ସମ୍ମେଳନ-୨୦୨୧ରେ ଏହି ପୁରସ୍କାର ପାଇବାର ଗୌରବ ଅର୍ଜନ କରିଥିବା ଆଇଆଇଟି ପକ୍ଷରୁ ସୂଚନା ମିଳିଛି। ଏନେଇ ଆଇଆଇଟି ଭୁବନେଶ୍ୱର ଡାଇରେକ୍ଟର ପ୍ରଫେସର ଆର.ଭି.ରାଜକୁମାର କହିଛନ୍ତି, ଆମ ଅନୁଷ୍ଠାନ ପ୍ରତି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସାମଗ୍ରିକ ଭାବେ ଉନ୍ନତମାନର ବିଶ୍ୱସ୍ତରୀୟ ଅଧ୍ୟାପନା ମାଧ୍ୟମରେ ଶିକ୍ଷା ପ୍ରଦାନ କରି ଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ତେବେ କୋଭିଡ-୧୯ ସମୟରେ ଛାତ୍ରୀଛାତ୍ରଙ୍କୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା। ସମସ୍ତ ସମସ୍ୟାକୁ ଭ୍ରୁକ୍ଷେପ ନ କରି ସଂସ୍ଥା ଇନୋଭେଟିଭ୍ ଉପାୟରେ ଶିକ୍ଷାନୁଷ୍ଠାନର ସମସ୍ତ ପରୀକ୍ଷାଠାରୁ ଆରମ୍ଭକରି ରିସର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ ସଫଳତାର ସହିତ ସମାପନ କରିଥିଲା। ଏହି ମର୍ମରେ ଗତ ୨୯ ଜାନୁୟାରୀରେ ଏକ ୮ମିନିଟ୍ ବୃତ୍ତଚିତ୍ର ଜୁରୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସମସ୍ତ ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ପରିଶ୍ରମ ଫଳରେ ଆଇଆଇଟି ଭୁବନେଶ୍ୱର ଏଭଳି ପୁରସ୍କାର ପାଇବା ଏକ ବଡ଼ ଉପଲବ୍ଧ ବୋଲି କହିଛନ୍ତି।